ତାମିଲ୍ ନାଡୁ ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ବାସ୍କର

ଫେବୃଆରୀ 20, 2001

[ଏସ୍. ଏନ୍. ବାରିଭା ଏବଂ ଏମ୍. ବି. ଶାହା, ନ୍ୟାୟମୂର୍ତ୍ତିଦ୍ୱୟ]

ଫୌଜଦାରୀ ଆଇନ

ପ୍ରତିଷେଧକ ଅଟକ— ଭାରତର ସମ୍ବିଧାନ— ଅନୁଚ୍ଛେଦ 21 ଏବଂ 226— ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ— ଉଚ୍ଚ ନ୍ୟାୟାଳୟ ଅସ୍ପଷ୍ଟତା ଆଧାରରେ ଅଟକାଦେଶକୁ ରଦ୍ଦ କରିଛନ୍ତି— ନିର୍ଣ୍ଣୟ ହୋଇଛି, ତଥ୍ୟ ଉପରେ, ଅଟକ ଆଦେଶ ସ୍ପଷ୍ଟ ଭାବରେ ଘଟଣାକ୍ରମକୁ ବର୍ଣ୍ଣନା କରେ— ଅଟକ ବଳବତ୍ତର— ପୁନଃ ନିର୍ଣ୍ଣୟ ହୋଇଛି, ଅଟକ ଅବଧି ସମାପ୍ତ ହୋଇଥିବାରୁ, ଅଟକବନ୍ଦୀଙ୍କୁ ଆମ୍ ସମର୍ପଣ କରିବାର ଆବଶ୍ୟକତା ନାହିଁ ।

ଏକ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉତ୍ତରଦାତାଙ୍କ ଅଟକ ଆଦେଶକୁ ରଦ୍ଦ କରିବା ବିରୋଧରେ ଆବେଦନକାରୀ ଏହି ଆଧାରରେ ଆବେଦନ କରିଥିଲେ ଯେ ଅଟକ ଆଦେଶ ଅସ୍ପଷ୍ଟତା ଆଧାରରେ ବ୍ୟର୍ଥ ହୋଇଛି, କାରଣ ପ୍ରତ୍ୟେକ ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ନିର୍ଦ୍ଦିଷ୍ଟ ଅପରାଧ ବିଷୟରେ ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ ।

ଆବେଦନର ଫଏସଲା କରି ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ:1. ଅଟକ ଆଦେଶରେ କୌଣସି ଅସ୍ପଷ୍ଟତା ନାହିଁ । ଅଟକ ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ T, P ଏବଂ K ସହିତ ଉତ୍ତରଦାତା ଟାଟା ସୁମୋ କାରରୁ ଓହ୍ଲାଇ ଥିଲେ ଏବଂ ସେମାନେ ସମସ୍ତେ ଛୁରୀ ଧରିଥିଲେ । ଅଟକ ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ ଅଭିଯୋଗକାରୀଙ୍କୁ ଧମକ ଦିଆଯାଇଥିଲା । ଅଟକ ଆଦେଶରେ ଦର୍ଶାଯାଇଛି ଯେ ଏହି ବ୍ୟକ୍ତିମାନେ ଘଟଣା ସ୍ଥଳରେ ସମସ୍ତଙ୍କୁ ଭୟଭୀତ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ନିକଟସ୍ଥ ଦୋକାନରୁ ଏକ ସୋଡା ବୋତଲ ଉଠାଇଥିଲେ ଏବଂ ଜନସାଧାରଣଙ୍କ ଉପରକୁ ସେହି ବୋତଲକୁ ଫିଙ୍ଗିଥିଲେ । ଅଟକ ଆଦେଶରେ ଦର୍ଶାଯାଇଥିଲା ଯେ ସେହି ସ୍ଥାନରେ ଆତଙ୍କ ଏବଂ ଭୟ ସୃଷ୍ଟି କରାଯାଇ ଥିବାରୁ ସେହି ଅଞ୍ଚଳର ସ୍ୱାଭାବିକ ଅବସ୍ଥା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଥିଲା ।

2. ଅଟକ ଆଦେଶରେ ଆଉ କ'ଣ ଏବଂ ଅଧିକ ଭଲ ବିବରଣୀ ଦିଆଯାଇ ପାରିଥାନ୍ତା ତାହା ସ୍ପଷ୍ଟ କରିବାରେ ଉଚ୍ଚ ନ୍ୟାୟାଳୟ ବିଫଳ ହୋଇଛନ୍ତି ।**ଆକ୍ଷେପିତ** ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ଅଗ୍ରାହ୍ୟ କରାଗଲା ।

3. ଅଟକ ଆଦେଶ 1999 ମସିହାର ଅଟେ । 2000 ମସିହା ଏପ୍ରିଲ ମାସରେ ଉଚ୍ଚ ନ୍ୟାୟାଳୟ ଏହାକୁ ରଦ୍ଦ କରିଦେଇଥିଲେ । ଅଟକ ଅବଧି ଶେଷ ହୋଇଛି । ତେଣୁ ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ଅଟକବନ୍ଦୀଙ୍କୁ ଅଟକ ରଖିବାର ଅବଶିଷ୍ଟ ଅବଧି ପାଇଁ ଆମ୍ ସମର୍ପଣ କରିବା ଉଚିତ୍ ।

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 207/2001

7.4.2000 ତାରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଏଚ୍. ସି. ପି. ସଂଖ୍ୟା 1404/1999 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଆର୍. ମୋହନ ଏବଂ ଭି. ଜି. ପ୍ରଗସମ ଆବେଦନକାରୀଙ୍କ ପାଇଁ ।

ବିଜୟ ପଞ୍ଜୱାନୀ, (ଏ. ସି.) ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ନ୍ୟାୟମୂର୍ତ୍ତି ଏସ୍. ଏନ୍. ବାରିଭାଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଅନୁମତି ମଞ୍ଜୁର କରାଗଲା ।

ପକ୍ଷମାନଙ୍କୁ ଶୁଣାଗଲା ।

ଏହି ଆବେଦନଟି 2000 ମସିହା ଏପ୍ରିଲ 7 ତାରିଖର ଏକ ଆଦେଶ ବିରୁଦ୍ଧରେ ଆଗତ ହୋଇଛି । ଏହି ଆଦେଶ ଦ୍ୱାରା 2 ଅଗଷ୍ଟ, 1999 ତାରିଖର ଏକ ଅଟକ ଆଦେଶକୁ ଏହି ଆଧାରରେ ରଦ୍ଦ କରିଦିଆଯାଇଛି ଯେ ଅଟକ ଆଦେଶ ଅସ୍ପଷ୍ଟତା ଆଧାରରେ ବ୍ୟର୍ଥ ହୋଇଛି, କାରଣ ପ୍ରତ୍ୟେକ ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ନିର୍ଦ୍ଦିଷ୍ଟ ଅପରାଧ ବିଷୟରେ ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ ।

ଆମେ ଅଟକ ଆଦେଶ ପଢ଼ିଛୁ । ଅଟକ ଆଦେଶକୁ ନିମ୍ନମତେ ବର୍ଣ୍ଣନା କରାଯାଇଛି:

"24-6-99 ରେ ପ୍ରାୟ 11.00 ଘଣ୍ଟା ସମୟରେ ଟିଭିଆଇ. ଥିରୁଭେଙ୍ଗଦମ ଏବଂ ତାଙ୍କ ସହଯୋଗୀ ଭାସ୍କର @ରେଙ୍ଗୀ ବାସ୍କର, ପାର୍ଥସାରଥୀ ଏବଂ କଣ୍ଡନ, ଏକ ଟାଟା ସୁମୋ କାରରୁ ଓହ୍ଲାଇଥିଲେ ଯାହାର ପଞ୍ଜୀକରଣ ସଂଖ୍ୟା TN-01- P 2525 ଥିଲା । ଥିରୁ ପଲାନୀ ସେମାନଙ୍କୁ ଛୁରୀ ଧରିଥିବା ଦେଖିଥିଲେ ।ଥିରୁ ଥିରୁଭେଙ୍ଗଦମ, ଥିରୁ ପଲାନୀଙ୍କୁ ଦେଖି ଥିରୁ ପଲାନୀଙ୍କ ପାଖକୁ ଆସିଲେ ଏବଂ କହିଲେ, "ଯେତେବେଳେ ଆମେ ତୋ ଭାଇ ରବିଚନ୍ଦ୍ରନଙ୍କୁ କାଟିଦେଲୁ, ତୁ ଯାଇ ପୁଲିସରେ ଅଭିଯୋଗ କଲୁ । ବର୍ତ୍ତମାନ ମୁଁ ତୋତେ କାଟୁଛି । ଦେଖିବା, ଏଥିପାଇଁ କିଏ ଅଭିଯୋଗ କରିବ । ତୁ ଏମିତି କଟାରେ ମାରିବୁ", ତାଙ୍କୁ ଭୟଭୀତ କରାଇ ଏବଂ ତାଙ୍କ ମୁଣ୍ଡକୁ କାଟିବାକୁ ଦୌଡ଼ିଗଲା । ଥିରୁ ପାଲାନୀ ତାଙ୍କ ଡାହାଣ ହାତରେ ଆକ୍ରମଣକୁ ପ୍ରତିହତ କରିଥିଲେ । ତେବେ, ଛୁରୀଟି ତାଙ୍କ ଡାହାଣ ବାହୁ ଉପରେ ପଡ଼ିଯାଇଥିଲା ଏବଂ ରକ୍ତସ୍ରାବଜନିତ କ୍ଷତ ହୋଇଥିଲା । ଥିରୁ ପଲାନୀ ଚିତ୍କାର କରିଥିଲେ । ଘଟଣା ସ୍ଥଳରେ ବହୁ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ ।ଥିରୁ ଥିରୁଭେଙ୍ଗଦମ ଏବଂ ଅନ୍ୟମାନେ ଘଟଣାସ୍ଥଳରେ ଛୁରୀ ଧରି ସମସ୍ତଙ୍କୁ ଆତଙ୍କିତ କରାଇ କହିଥିଲେ ଯେ "ଯଦି କେହି ପାଖକୁ ଆସନ୍ତି, ତେବେ ଆମେ ତାର ଗୋଡ, ହାତ କାଟି ଦେବୁ" ଏବଂ ଥିରୁ ଶ୍ରୀନିବାସନଙ୍କ ନିକଟସ୍ଥ ଦୋକାନରୁ ସୋଡା ପାଣି ବୋତଲ ମଧ୍ୟ ଉଠାଇଥିଲେ ଏବଂ ଜନସାଧାରଣଙ୍କ ଉପରକୁ ଫିଙ୍ଗି ଦେଇଥିଲେ । ବୋତଲଗୁଡ଼ିକ ରାସ୍ତା ପାର୍ଶ୍ୱରେ ପଡ଼ି ଖଣ୍ଡବିଖଣ୍ଡିତ ହୋଇଯାଇଥିଲା ଏବଂ ଭଙ୍ଗା ଖଣ୍ଡଗୁଡ଼ିକ ସମ୍ପୂର୍ଣ୍ଣ ରାସ୍ତାରେ ବିକ୍ଷିପ୍ତ ହୋଇ ପଡିଥିଲା । ଗାଡ଼ିରେ ଯାଉଥିବା ସାଧାରଣ ଲୋକମାନେ ଏହା ଦେଖି ସେମାନଙ୍କ ଗାଡ଼ିକୁ ବୁଲାଇ ଆସିଥିବା ବାଟରେ ଫେରିଗଲେ । ନିକଟସ୍ଥ ଦୋକାନ ମାଲିକମାନେ ଏହା ଦେଖି ସେମାନଙ୍କ ଦୋକାନ ବନ୍ଦ କରି ଦେଇଥିଲେ ଏବଂ ସେମାନଙ୍କ ବ୍ୟବସାୟକୁ ସ୍ଥଗିତ ରଖିଥିଲେ । ସେହି ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଥିଲା । ଏହିପରିଭାବେ ସେମାନେ ଘଟଣା ସ୍ଥଳରେ ଆତଙ୍କ ଏବଂ ଭୟ ସୃଷ୍ଟି କରିଛନ୍ତି ।"

ଆମ ମତରେ, ଉକ୍ତ ଅଟକ ଆଦେଶରେ କୌଣସି ଅସ୍ପଷ୍ଟତା ନାହିଁ । ଅଟକ ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ ଉତ୍ତରଦାତା, ଥିରୁଭେଙ୍ଗଦମ, ପାର୍ଥସାରଥୀ ଏବଂ କଣ୍ଡନଙ୍କ ସହ ଟାଟା ସୁମୋ କାର୍ରୁ ଓହ୍ଲାଇଥିଲେ ଏବଂ ସେମାନେ ସମସ୍ତେ ଛୁରୀ ଧରିଥିଲେ । ଅଟକ ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ ଅଭିଯୋଗକାରୀଙ୍କୁ ଧମକ ଦିଆଯାଇଥିଲା । ଅଟକ

ଆଦେଶରେ ଦର୍ଶାଯାଇଛି ଯେ ଏହି ବ୍ୟକ୍ତିମାନେ ସେଠାରେ ସମସ୍ତଙ୍କୁ ଆତଙ୍କିତ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ନିକଟସ୍ଥ ଦୋକାନରୁ ଏକ ସୋଡା ବୋତଲ ଉଠାଇ ଜନସାଧାରଣଙ୍କ ଉପରକୁ ଫିଙ୍ଗିଥିଲେ । ଅଟକ ଆଦେଶରେ ଦର୍ଶାଯାଇଛି ଯେ ସେହି ସ୍ଥାନରେ ଆତଙ୍କ ଏବଂ ଭୟ ସୃଷ୍ଟି କରାଯାଇ ଥିବାରୁ ଅଞ୍ଚଳର ସ୍ୱାଭାବି ଅବସ୍ଥା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଥିଲା ।

ଅଟକ ଆଦେଶରେ ଆଉ କ'ଣ ଏବଂ ଅଧିକ ଭଲ ବିବରଣୀ ଦିଆଯାଇ ପାରିଥାଆନ୍ତା ତାହା ଆମେ ଦେଖିପାରୁ ନାହୁଁ । ଆକ୍ଷେପିତ ଆଦେଶରେ ବିଦ୍ୱାନ ବିଚାରପତି ଏହା ସ୍ପଷ୍ଟ କରିବାରେ ବିଫଳ ହୋଇଛନ୍ତି ଯେ ଅଟକ ଆଦେଶରେ ଆଉ କ'ଣ ଏବଂ ଭଲ ବିବରଣୀ ଦିଆଯାଇ ପାରିଥାନ୍ତା । ଆମ ବିଚାରରେ, ଏହି ଆକ୍ଷେପିତ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ସେହି ଅନୁଯାୟୀ ଏହାକୁ ଅଗ୍ରାହ୍ୟ କରାଗଲା ।

ତେବେ, ଏହି ଅଟକ ଆଦେଶ 1999 ମସିହାର ଥିଲା । 2000 ମସିହା ଏପ୍ରିଲ ମାସରେ ଉଚ୍ଚ ନ୍ୟାୟାଳୟ ଏହାକୁ ରଦ୍ଦ କରିଦେଇଥିଲେ । ଅଟକ ଅବଧି ଶେଷ ହୋଇଛି । ଆମ ବିଚାରରେ, ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ଅଟକବନ୍ଦୀଙ୍କୁ ଅଟକ ରଖିବାର ଅବଶିଷ୍ଟ ଅବଧି ପାଇଁ ଆମ୍ ସମର୍ପଣ କରାଯିବା ଉଚିତ୍ ।

ତଦନୁସାରେ ଆବେଦନର ଫଏସଲା କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଭି. ଏମ୍. ଆବେଦନର ଫଏସଲା କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।